# ଭୋକ

ଭୋକ ତ ଭୋକ
ପ୍ରବଳ ଭୋକ
ଭୋକ ଲାଗୁଥିଲେ କାହାକୁ ଖାଇବ
ବୁଝିପାରେ ନାହିଁ ବାଉଳା ଲୋକ ।
ବୋଉକୁ କହିଲେ ଭୋକ ଲାଗିଲାଣି,
ବୋଉ କୁହେ-ଧନ ! ଖାଇବୁ ଆ,
ବାପାଙ୍କୁ କହିଲେ, ଭାରି ଭୋକ ବାପା !
କୁହନ୍ତି ସେ- "ଆଗ ପଢିବୁ ଯା" ।





ଭାଇ କହୁଥାନ୍ତି-ପରମ ଠକଟା
କାମ, ଧନ୍ଦା, ପାଠେ ନାହିଁ ତା ମନ
ଭଲ ଦରବକୁ ଉଣ୍ଡି ହେଉଥାଏ
ଖାଇବା ଚିନ୍ତାରେ ରାତି କି ଦିନ ।
ଭୋକ ଲାଗିଲାଣି କହିଲେ ଅପାକୁ,
କହେ ସେ ଖିଙ୍କାରି, "ପେଟେଖିନା ଥାଉ,
କାମ ପଡିଗଲେ ଯେତେ ସବୁ ଛଇ,
ଖାଇବି ଖାଇବି କାହିଁକି ହେଉ ?"

ଜେଜେ ମାଆ କୁହେ, 'ସହଳ ଖାଆ ଯା,
ନ ଖାଇଲେ ଦେହ ଖରାପ ହେବ ।'
ଜେଜେ କହୁଥାନ୍ତି, "ଭୋକ ବେଳେ ଖାଅ,
ସୁଷମ ଖାଦ୍ୟରେ ଶକ୍ତି ବଢିବ ।
ମନ ସରାଗରେ ରୁଟି, ଭାତ, ଡାଲି
ମାଛ, ମାଂସ, ଅଣ୍ଡା, ତଟକାଫଳ,
କ୍ଷୀର, ଦହି, ଘିଅ, ଶାଗ ଓ ପରିବା
ଖାଇଲେ ତୁମର ବଢିବ ବଳ ।"

